# NATIONAL NEWS BULLETIN (ODIA)

## 14 March - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କୋଲକାତାଠାରେ ପ୍ରାୟ ୧୮ ହଜାର ୬୮୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

– କହିଲେ ବାଣିଜ୍ୟ, ଶିଳ୍ପ ତଥା ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରିବାରେ ଏହା ହେବ ଗୁରୁତ୍ୱପୂର୍ଣ୍ଣ

- ଜାଳେଣି ଗ୍ୟାସ ବହନ କରିଥିବା ଦୁଇଟି ଭାରତୀୟ ଜାହାଜ ଅତିକ୍ରମ କରିଛି ଇରାନ୍‌ର ହର୍ମୁଜ ପ୍ରଣାଳୀ
- ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଜାନୁଆରୀ ମଧ୍ୟରେ ୩୪୮ ଆମେରିକୀୟ ଡଲାର ଅତିକ୍ରମ କରିଛି ଦେଶର ସେବା ରପ୍ତାନୀ କ୍ଷେତ୍ର

ଏବଂ

- ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଟାଇଟାଲ ହାସଲ ପାଇଁ ଆଉ ଅଳ୍ପ ସମୟ ପରେ ଭାରତ– ଇଂଲଣ୍ଡ ମଧ୍ୟରେ ହେବ ମ୍ୟାଚ୍

## ପିଏମ୍- କୋଲକାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତାଠାରେ ପ୍ରାୟ ୧୮ ହଜାର ୬୮୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମଗ୍ର ପୂର୍ବାଞ୍ଚଳ ବିକାଶକୁ ଏହି ପ୍ରକଳ୍ପଗୁଡ଼ିକ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ସହିତ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରିବା ଲାଗି ଏହି ପ୍ରକଳ୍ପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଲୋକଙ୍କ ଜୀବନଧାରଣର ମାନ ଅଧିକ ସହଜ ହେବା ସହିତ ନୂତନ ସୁଯୋଗ ପ୍ରଦାନ କରିବ। ଖଡ଼୍‌ଗପୁର ମୋରଗ୍ରାମ ଏକ୍ସପ୍ରେସ୍ ୱେ' ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ। କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ ରେଳ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, କୋଲକାତା ଏବଂ ହଳଦିଆ ଭଳି ବନ୍ଦରଗୁଡ଼ିକ ଦୀର୍ଘଦିନ ଧରି ପୂର୍ବ ଭାରତରେ ବାଣିଜ୍ୟର ପ୍ରମୁଖ କେନ୍ଦ୍ର ରହିଆସିଛି।

# V/O-PM-ON PORTS

କୋଲକାତାକୁ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଆଜି ଉଦଘାଟନ ଓ ଶିଳାନ୍ୟାସ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ସଡ଼କ, ରେଳପଥ ଏବଂ ଜଳପଥ ସମ୍ପର୍କିତ କ୍ଷେତ୍ର ରହିଛି। ଅମୃତ ଷ୍ଟେସନ୍ ଯୋଜନାରେ ଶ୍ରୀ ମୋଦୀ ୬ଟି ପୁନଃବିକଶିତ ରେଳଷ୍ଟେସନର ଉଦ୍‌ଘାଟନ କରିଛନ୍ତି। ଦୁଇଟି ରେଳପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଦେଶରେ ଭିତ୍ତିଭୂମି ସୁଦୃଢ଼ୀକରଣ, ସଶକ୍ତ ଯୋଗାଯୋଗ ଏବଂ ଆର୍ଥିକ କ୍ଷେତ୍ରରେ ଉନ୍ନତି ଦିଗରେ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି।

କୋଲକାତାକୁ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ଆସାମର ସିଲଚରଠାରେ ୨୩ ହଜାର ୫୫୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସିଲଚର୍‌ର ଅମ୍ବିକାପୁରଠାରେ ତିନୋଟି ପ୍ରକଳ୍ପର ଭୂମିପୂଜନ କରିଥିବା ବେଳେ ଶ୍ରୀ ମୋଦୀ' କରିମଗଞ୍ଜ ଜିଲ୍ଲାର ପତରକାଣ୍ଡିଠାରେ ଏକ ନୂତନ କୃଷି ମହାବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆସାମରେ କୃଷି ଶିକ୍ଷା ଏବଂ ଗବେଷଣାର ଇକୋସିଷ୍ଟମକୁ ଏହି ପ୍ରତିଷ୍ଠାନ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଦେଶର ନାଗରିକଙ୍କ ଉପରେ ଏହାର ପ୍ରଭାବକୁ ସର୍ବନିମ୍ନ କରିବା ଲାଗି ସରକାରଙ୍କ ପ୍ରୟାସ ଜାରି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଇଣ୍ଟରମିନିଷ୍ଟ୍ରିଆଲ ବ୍ରିଫିଂ

ଜାଳେଣି ଗ୍ୟାସ ବହନ କରିଥିବା ଦୁଇଟି ଜାହାଜ ଆଜି ସକାଳେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ଯାତ୍ରା କରୁଛି ବୋଲି ବନ୍ଦର ଏବଂ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି। ନୂଆଦିଲ୍ଲୀରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିହ୍ନା କହିଛନ୍ତି, ଭାରତୀୟ ଜାହାଜ ଶିବାଲିକ ଏବଂ ନନ୍ଦାଦେବୀ ୯୨ ହଜାର ୭୦୦ ମେଟ୍ରିକ ଟନ୍ ଜାଳେଣି ଗ୍ୟାସ ବହନ କରୁଛନ୍ତି। ଜାହାଜ ଦୁଇଟି ଆସନ୍ତା ୧୬ ଏବଂ ୧୭ ତାରିଖରେ ଭାରତର ମୁନ୍ଦ୍ରା ଏବଂ କାନ୍ଦଲା ବନ୍ଦରରେ ପହଁଞ୍ଚିବାର ଆଶା କରାଯାଉଛି ବୋଲି ସେ କହିଛନ୍ତି।

ଦେଶରେ ଯଥେଷ୍ଟ ପରିମାଣର ପେଟ୍ରୋଲ, ଡିଜେଲ, ଜାଳେଣି ଗ୍ୟାସ ଏବଂ ଅଶୋଧିତ ତୈଳ ମହଜୁଦ ଅଛି। ଜନସାଧାରଣ ଭୟଭୀତ ହୋଇ ଜାଳେଣି ଗ୍ୟାସ ବୁକିଂ କରିବାର କୌଣସି ଆବଶ୍ୟକ ନାହିଁ ବୋଲି ବିଭାଗୀୟ ଯୁଗ୍ମ ସଚିବ ସୁଜାତା ଶର୍ମା ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବାଣିଜ୍ୟିକ ସିଲିଣ୍ଡରଗୁଡ଼ିକ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଗ୍ୟାସ୍ ଯୋଗାଣରେ କଳାବଜାରୀକୁ ରୋକିବା ପାଇଁ ରାଜ୍ୟ

ସରକାର ଗୁଡ଼ିକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ  ଚଢ଼ାଉ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି । ସହରାଞ୍ଚଳରେ ଗୋଟିଏ ଗ୍ୟାସ ବୁକିଂର ୨୫ ଦିନ ପରେ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପରେ ଗ୍ୟାସ ବୁକିଂ କରାଯାଇପାରିବ ବୋଲି ସେ କହିଛନ୍ତି ।

ପଶ୍ଚିମ ଏସିଆରେ ସଂଘର୍ଷ ପରିସ୍ଥିତି ଆରମ୍ଭ ହେବା ଦିନଠାରୁ ଆଜି ସୁଦ୍ଧା ପ୍ରାୟ ୧ ଲକ୍ଷ ୭୨ ହଜାର ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ନେଇ ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅସିମ ମହାଜନ ସୂଚନା ଦେଇଛନ୍ତି । ପଶ୍ଚିମ ଏସିଆର ଓମାନ, ସାଉଦିଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ କତାର'ରୁ ଭାରତକୁ ସିଧାସଳଖ ବିମାନ ଚଳାଚଳ କରୁଛି ବୋଲି ସେ ସୂଚନା ଦେଇଛନ୍ତି ।

## ସର୍ଭିସ ଏକ୍ସପୋର୍ଟ ଗ୍ରୋଥ

ଦେଶର ସେବା ରପ୍ତାନୀ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ହାସଲ କରିଛି ବୋଲି ସରକାର କହିଛନ୍ତି । ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଜାନୁଆରୀ ମଧ୍ୟରେ ସେବା ରପ୍ତାନୀ ୩୪୮ ଆମେରିକୀୟ ଡଲାରରୁ ଅଧିକ ହୋଇଛି । ଏହି କ୍ଷେତ୍ରରେ ୧୦ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ଜଣାପଡ଼ିଛି । ଆସନ୍ତା ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବଜେଟ୍ ଉପରେ ଆଲୋକପାତ କରି ସରକାର କହିଛନ୍ତି, ସେବା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଶ୍ୱ ଦକ୍ଷତା କେନ୍ଦ୍ରଗୁଡ଼ିକ ସହ କୃତ୍ରିମ

ବୁଦ୍ଧିମତା ଆଧାରିତ ଦକ୍ଷତା ବିକାଶ ତଥା ବାଣିଜ୍ୟ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ନେଇ ହୋଇଥିବା ଚୁକ୍ତି ଦ୍ୱାରା ଦେଶର ସେବା ରପ୍ତାନୀ କ୍ଷେତ୍ର ଅଧିକ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ୨୦୪୭ ମସିହା ସୁଦ୍ଧା ବୈଶ୍ୱିକ ସେବା ବାଣିଜ୍ୟ କ୍ଷେତ୍ରରେ ଭାରତର ଅଂଶ ୧୦ ପ୍ରତିଶତକୁ ବୃଦ୍ଧି କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି।

## ଅମିତ ଶାହା- ପଞ୍ଜାବ ରାଲୀ

ପଞ୍ଜାବକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱ ପ୍ରଦାନ କରିଛନ୍ତି। ମୋଗା ଜିଲ୍ଲା ଅନ୍ତର୍ଗତ କିଲିଚେହଲାନ ଗ୍ରାମଠାରେ 'ବଦଲାଓ' ରାଲିକୁ ସମ୍ବୋଧନ କରି ଶ୍ରୀ ଶାହା' ରାଜ୍ୟରେ ବୃଦ୍ଧି ପାଉଥିବା ଅପରାଧ, ନିଶା, ଧର୍ମାନ୍ତରୀକରଣ, ଦୁର୍ନୀତି ଏବଂ ଚାଷୀଙ୍କ ଦୁର୍ଗତି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ବିଜେପି ରାଜ୍ୟରେ କ୍ଷମତାକୁ ଆସିଲେ ଦୁଇ ବର୍ଷ ମଧ୍ୟରେ ନିଶାମୁକ୍ତ ପଞ୍ଜାବ ଗଠନ କରିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବ। ଧର୍ମାନ୍ତରୀକରଣକୁ ଆଇନଗତ ଭାବରେ ପ୍ରତିହତ କରିବା ଲକ୍ଷ୍ୟରେ ଏକ ନୂତନ ଆଇନ ରାଜ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

**VO-AMIT SHAHA ON DRUGS**

## ଝାଡ଼ଖଣ୍ଡ ମାଓଇଷ୍ଟ ଆରେଷ୍ଟଡ୍

ଝାଡ଼ଖଣ୍ଡର ଲଟେହାର ଜିଲ୍ଲାରେ ପୁଲିସ ଦୁଇ ଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ପ୍ରତିବନ୍ଧିତ ସଂଗଠନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓଇଷ୍ଟର ଜୋନାଲ କମାଣ୍ଡର ଏବଂ ଅନ୍ୟ ଜଣକ ସବ୍‌ଜୋନାଲ କମାଣ୍ଡର ବୋଲି ପୁଲିସ କହିଛି। ଗୁଇନ୍ଦା ସୂଚନା ଆଧାରରେ ତଲାସୀ ଅଭିଯାନ ବେଳେ ସେମାନଙ୍କୁ ଗିରଫ କରାଯାଇଥିବା ପୁଲିସ୍ ଆରକ୍ଷୀ ଅଧୀକ୍ଷକ କହିଛନ୍ତି।  ମିଳିତ ଭାବେ ସେମାନଙ୍କ ଉପରେ ୧୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେମାନଙ୍କଠାରୁ ଏକ ଗୋଟିଏ ଏକେ-୪୭ ରାଇଫଲ, ୨୧ଟି ଜୀବନ୍ତ ଗୁଳି ଏବଂ ପ୍ରାୟ ୧ ଲକ୍ଷ ୬୦ ହଜାର ନଗଦ ଅର୍ଥରାଶି ଜବତ ହୋଇଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

## ଓ୍ୱାର୍ଲଡ ବକ୍ସିଂ-ୟୁଥ୍

ବ୍ୟାଙ୍କକ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଫ୍ୟୁଚର କପ୍‌ରେ ଭାରତର ୫ ଜଣ ଖେଳାଳି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲରେ ଭାରତର ଜୟଶ୍ରୀ ଦେବୀ, ଚନ୍ଦ୍ରିକା ପୂଜାରୀ, ଗୁଞ୍ଜନ, ଅମ୍ବେକର ମିତେଇ ଏବଂ ରାଧାମଣି ଲଙ୍ଗଜାମ୍ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିବେ।

## ଏଫ୍‌ଆଇଏଚ୍ ହକି

ଏଫ୍.ଆଇ.ଏଚ୍ ମହିଳା ହକି ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ହାଇଦ୍ରାବାଦଠାରେ ଏହି ମ୍ୟାଚ୍ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ। ଗତକାଲିର ମ୍ୟାଚ୍‌ରେ ସେମିଫାଇନାଲ ପର୍ଯ୍ୟାୟରେ ଭାରତ ଇଟାଲୀକୁ ୧-୦ ଗୋଲ୍‌ରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛି। ତେବେ ଭାରତ ବିଶ୍ୱକପ୍-୨୦୨୬ ପ୍ରତିଯୋଗିତା ପାଇଁ ନିଜର ସ୍ଥାନ ପକ୍କା କରିସାରିଛି।

## ପାରା ଅଲିମ୍ପିକ୍ସ

ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ପାରା ଗ୍ରାଣ୍ଡ ପ୍ରି-୨୦୨୬ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତ ମେଡାଲ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛି। ଭାରତୀୟ ପ୍ରତିଯୋଗୀ ୭୫ଟି ସ୍ୱର୍ଣ୍ଣ, ୬୯ଟି ରୌପ୍ୟ ଏବଂ ୬୪ଟି କାଂସ୍ୟ ପଦକ ସହ ମୋଟ ୨୦୮ଟି ପଦକ ହାସଲ କରିଛନ୍ତି। ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ତିନି ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରୁଷିଆ ଦ୍ୱିତୀୟ ଏବଂ ବୋସନିଆ ଓ ହର୍ଜଗୋବିନା ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି।